بسم اللہ الرحمٰن الرحیم

**ଖୁତବା ଜୁମା ୭ ଫେବୃୟାରୀ ୨୦୨୦ର ସାରାଂଶ**

**ସ୍ଥାନ- ମସଜିଦ୍ ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍(ବ୍ରିଟେନ୍)**

## *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରି ସାହାବି ହଜ଼ରତ୍ ମୁହମ୍ମଦ୍ ବିନ୍ ମୁସଲ୍ଲମା ର.ଅଙ୍କ ପ୍ରଶଂସନୀୟ , ବିଶ୍ୱାସ ବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ତାଙ୍କ ନାମ ହେଉଛି ହଜ଼ରତ ମୁହମ୍ମଦ୍ ବିନ୍ ମୁସଲ୍ଲମା ର.ଅ । ତାଙ୍କର ସଂପର୍କ ଅନସାରର ଔସ୍ ସଂପ୍ରଦାୟ ସହିତ ଥିଲା ଏବଂ ସେ ଉକ୍ତ ସଂପ୍ରଦାୟର ଅଧିପତି ଥିଲେ । ସେ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିଲେ । ସେ ହଜ଼ରତ ମସଅବ୍ ବିନ୍ ଉମୈରଙ୍କ ହସ୍ତରେ ହଜ଼ରତ ସାଆଦ୍ ବିନ୍ ମୁଆଜ଼୍ ର.ଅଙ୍କ ଠାରୁ ପୂର୍ବେ ବା ପ୍ରଥମେ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିଲେ । ଯେତେବେଳେ ହଜ଼ରତ ଉବୈଦା ବିନ୍ ଅଲ୍ ଜର୍ରାହ୍ ପ୍ରବାସ କରି ମଦିନାକୁ ଆସିଥିଲେ ସେତେବେଳେ ଆଁହଜ଼ରତ ସ.ଅ ହଜ଼ରତ ଉବୈଦା ବିନ୍ ଅଲ୍ ଜର୍ରାହଙ୍କ ସହିତ ହଜ଼ରତ ମୁହମ୍ମଦ ବିନ୍ ମୁସଲ୍ଲମାଙ୍କର ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ସେ ସେହି ସାହାବିଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯିଏ କାଆବ୍ ବିନ୍ ଅଶ୍ରଫ୍ ଓ ଅବୁ ରାଫେ ସଲାମ୍ ବିନ୍ ଅବୁ ହକ୍କିକଙ୍କୁ ବନ୍ଧ କରଥିଲେ । ଏ ଦୁହେଁ ଉପଦ୍ରବକାରୀ ବ୍ୟକ୍ତି ଥିଲେ ଯେଉଁମାନେ ମୁସଲମାନମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ପ୍ରସ୍ତୁତ ଥିଲେ ଏବଂ ସେମାନେ ସର୍ବଦା ଏହି କାର୍ଯ୍ୟ ସକାଶେ ପ୍ରୟାସରତ ରହୁଥିଲେ । ବରଂ ସେମାନେ ମୁସଲମାନମାନଙ୍କ ଉପରକୁ ଆକ୍ରମଣ କରିବା ପାଇଁ ପ୍ରୟାସ କରିଥିଲେ, ଏମାନେ ଆଁହଜ଼ରତ ସ.ଅଙ୍କ ଉପରକୁ ମଧ୍ୟ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ । ଆଁହଜ଼ରତ ସ.ଅ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅଙ୍କୁ କାଆବ୍ ବିନ୍ ଅଶ୍ରଫ୍ ଓ ଅବୁ ରାଫେ ସଲାମ ବିନ୍ ଅବୁ ହକ୍କିକ୍‌ଙ୍କୁ ବନ୍ଧ କରିବା ନିମନ୍ତେ ନିୟୋଜିତ କରିଥିଲେ । ଆଁହଜ଼ରତ ସ.ଅ କେତେକ ଯୁଦ୍ଧ ଅବସରରେ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅଙ୍କୁ ମଦିନାର ନୀରିକ୍ଷକ ରୂପେ ନିଯୁକ୍ତ କରିଥିଲେ । ହଜ଼ରତ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅଙ୍କର ପୁତ୍ର ଜାଫର, ଅବଦୁଲ୍ଲାଃ, ସାଆଦ୍, ଅବଦୁର୍ ରେହମାନ ଓ ଉମର ର.ଅ ଥିଲେ ଯେଉଁମାନେ କି ଆଁହଜ଼ରତ ସ.ଅଙ୍କ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ହଜ଼ରତ ମୁହମ୍ମଦ ବିନ୍ ମୁସଲ୍ଲମା ତବୁକ୍ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜ଼ୁର୍ ସ.ଅଙ୍କ ସହିତ ଶାମିଲ ଥିଲେ । କାରଣ ତବୁକ ଯୁଦ୍ଧ ସମୟରେ ସେ ହୁଜ଼ୁର ସ.ଅଙ୍କ ଅନୁମିତି କ୍ରମେ ମଦିନାରେ ରହିବା ଯୋଗୁଁ ସାମିଲ ହୋଇପାରି ନଥିଲେ (ଯାହା ଫଳରେ ସେ ପଛରେ ରହିଯାଇଥିଲେ)।

ଯେପରି ଚର୍ଚ୍ଚା ହୋଇଛି ଯେ, ଦୁଇ ଜଣ ଉପଦ୍ରବକାରୀ ଏବଂ ଇସଲାମ ଧର୍ମର ବିରୋଧୀଙ୍କୁ ନିପାତ କରିବାରେ ହଜ଼ରତ ମୁହମ୍ମଦ୍ ବିନ୍ ମୁସଲ୍ଲମା ଶାମିଲ ଥିଲେ । ଏହାର କେତେକ ବିବରଣୀ ହଜ଼ରତ ଉବାଦା ବିନ୍ ବଶରଙ୍କ ମାଧ୍ୟମରୁ ମୁଁ ବର୍ଣ୍ଣନା କରି ଆସିଛି । ଅତଃ ମୁଁ ତାଙ୍କ ସଂପର୍କରେ ଅନ୍ୟ କେତେକ କଥା ବା ଅତିରିକ୍ତ ଘଟଣା ସଂକ୍ଷେପରେ ବର୍ଣ୍ଣନା କରୁଛି । ସିରତ୍ ଖାତମୁନ୍ ନବୀୟିନରେ ହଜ଼ରତ ମିର୍ଜ଼ା ବଶୀର ଅହମଦ ସାହେବ କାଆବ୍ ବିନ୍ ଅଶ୍ରଫଙ୍କୁ ବନ୍ଧ କରିବା ବିଷୟରେ ଉଲ୍ଲେଖ କରିଛନ୍ତି ଯେ, ବଦରର ଯୁଦ୍ଧ ମଦିନାର ଇହୁଦୀମାନଙ୍କ ମନ ଭିତରେ ଥିବା ଶତ୍ରୁତାକୁ ପରିପ୍ରକାଶ କରିଦେଇଥିଲା ଏବଂ ସେମାନେ ଶତ୍ରୁତାରେ ସୀମା ଲଂଘନ କରିଥିଲେ । ଏଣୁ କାଆବ୍ ବିନ୍ ଅଶ୍ରଫର ବଧ ଘଟଣା ତାହାରି ଏକ ଅଂଶବିଶେଷ ଅଟେ । ଦେଖିବାକୁ ଗଲେ କାଆବ ଜଣେ  ଇହୁଦୀ ଧର୍ମାବଲମ୍ବୀୟ ବ୍ୟକ୍ତି ଥିଲା । କିନ୍ତୁ ବାସ୍ତବରେ ସେ ଇହୁଦୀ ବଂଶଜ ବା ବଂଶୋଦ୍ଭବ ନଥିଲା । ବରଂ ସେ ଆରବୀୟ ବଂଶୋଦ୍ଭବ ବ୍ୟକ୍ତି ଥିଲା। ତା ବାପା ଜଣେ ଚତୁର ଏବଂ ଜିଅନ୍ତା ପୁର୍ଜା ବ୍ୟକ୍ତି ଥିଲା। ସେ ମଦିନାକୁ ଆସି ବନୁ ନୁଜ଼୍ହୈର ସହିତ ସଂପର୍କ ସ୍ଥାପନ କରି ସେମାନଙ୍କରେ ସହାୟକ ବନ୍ଧୁ ରୂପେ ପରିଗଣିତ ହୋଇଗଲା । ପରିଶେଷରେ ସେ ଏତେ ଯଶଃ ଓ କ୍ଷମତାଧାରୀ ହୋଇଗଲା ଯାହାଫଳରେ ବନୁ ନୁଜ଼୍ହୈରର ସର୍ବୋଚ୍ଚ ଅଧିପତି ଅବୁ ରାଫେ ବିନ୍ ଉବୈ ଅଲ୍ ହକ୍କିକ୍ ନିଜର କନ୍ୟା ସହିତ ତା'ର ନିର୍ବନ୍ଧ କରାଇଥିଲା ଏବଂ ସେହି କନ୍ୟାର ଗର୍ଭରୁ କାଆବ ଜାତ ହେଲା ।

ଯିଏ ବଡ଼ ହୋଇ ନିଜ ପିତା ଠାରୁ ବି ଅଧିକ ମର୍ଯ୍ୟାଦାଶାଳୀ ହୋଇଥିଲା। ଏପରିକି ତା'କୁ ଏଭଳି ଯଶଃ ବା ଖ୍ୟାତି ଅର୍ଜନ ବା କ୍ଷମତା ପ୍ରାପ୍ତ ହେଲା ଫଳ ସ୍ୱରୂପ ସମଗ୍ର ଆରବର ଇହୁଦୀମାନେ ତାକୁ ନିଜର ଅଧିପତି ରୂପେ ସ୍ୱୀକାର କରିବାକୁ ଲାଗିଲେ । ଚାରିତ୍ରିକ ଦୃଷ୍ଟିକୋଣରୁ ସେ ଅତ୍ୟନ୍ତ ଦୁରାଚାରୀ ତଥା ଚରିତ୍ରହୀନ ବ୍ୟକ୍ତି ଥିଲା। କୁଯୋଜନା ଏବଂ ଷଡ଼ଯନ୍ତ୍ରରେ ସେ ପ୍ରବୀଣ ଥିଲା। ସେ ଯାହାହେଉ ନା କାହିଁକି ଯେତେବେଳେ ଆଁହଜ୍ରତ ସ.ଅ ମଦିନାକୁ ଆସିଲେ ସେତେବେଳେ କାଆବ୍ ବିନ୍ ଅଶ୍ରଫ ଅନ୍ୟ ଇହୁଦୀମାନଙ୍କ ସହିତ ମିଶି ସେହି ଚୁକ୍ତିରେ ସମ୍ମିଳିତ ହୋଇଥିଲେ ଏବଂ ତାହା ଏହା ଯେ, ଆଁହଜ୍ରତ ସ.ଅ ଏବଂ ଇହୁଦୀମାନଙ୍କ ମଧ୍ୟରେ ପାରସ୍ପରିକ ସଦ୍‌ଭାବନା, ସୌହାର୍ଦ୍ଦ୍ୟ ଏବଂ ଶାନ୍ତି ଭଳି ମିଳିତ ପ୍ରତିରକ୍ଷା ସଂପର୍କରେ ଉଲ୍ଲେଖ କରାଯାଇଥିଲା। କିନ୍ତୁ ଭିତରେ ଭିତରେ କାଆବର ହୃଦୟରେ ବୈରାଗ ଏବଂ ଶତ୍ରୁତାର ବହ୍ନୀ ପ୍ରଜ୍ୱଳିତ ହେବାକୁ ଲାଗିଥିଲା ଏବଂ ସେ ଗୁପ୍ତ ଯୋଜନା ଏବଂ ଷଡ଼ଯନ୍ତ୍ର ଦ୍ୱାରା ଇସଲାମ ଓ ଇସଲାମ ଧର୍ମର ସଂସ୍ଥାପକଙ୍କ ବିରୁଦ୍ଧରେ ବିରୋଧ ପ୍ରଦର୍ଶନ କରିବାକୁ ଆରମ୍ଭ କରିଦେଲା। ପରିଶେଷରେ ବଦର ଯୁଦ୍ଧ ପରେ ସେ ଏଭଳି ଆଚରଣ ପ୍ରଦର୍ଶନ କଲା ଯାହାକି ଅତ୍ୟନ୍ତ ଉପଦ୍ରବୀୟ ଓ ଧୂର୍ତ୍ତତାମୂଳକ ଥିଲା, ଫଳ ସ୍ୱରୂପ ତାହା ମୁସଲମାନମାନଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଥିଲା।

ବଦର ଯୁଦ୍ଧ ଅବସରରେ ଯେତେବେଳେ ମୁସଲମାନମାନଙ୍କୁ ଅସାଧାରଣ ରୂପେ ବିଜୟ ପ୍ରାପ୍ତ ହେଲା ଏବଂ କୁରୈଶମାନଙ୍କର ଅଧିପତିମାନେ ଅଧିକ ସଂଖ୍ୟାରେ ବା ସଂଖ୍ୟକ ନିହତ ହେଲେ ସେତେବେଳେ ସେ ଏହା ହୃଦୟଙ୍ଗମ କଲା ଯେ, ବର୍ତ୍ତମାନ ଏହି ନୂତନ ଧର୍ମଟି ସହଜ ରୂପେ ନିଶ୍ଚିହ୍ନ ହେବାପରି ମନେପଡୁ ନାହିଁ । ତେଣୁ ବଦର ଯୁଦ୍ଧ ପରେ ସେ ନିଜର ସମସ୍ତ ସାମର୍ଥ୍ୟ ତଥା ପ୍ରଚେଷ୍ଟାକୁ ଇସଲାମ ଧର୍ମକୁ ଧ୍ୱଂସ କରିବା ପାଇଁ ମନସ୍ଥ କଲା। ଯେତେବେଳେ କାଆବକୁ ବିଶ୍ୱାସ ହୋଇଗଲା ଯେ, ବାସ୍ତବରେ ବଦରର ବିଜୟ ଇସଲାମକୁ ଦୃଢତା ଆଣି ଦେଇଛି, ଯାହାର ସେ କଳନା ମଧ୍ୟ କରି ନଥିଲା । ତେବେ ସେ କ୍ରୋଧିତ ଓ ଉତ୍ତେଜିତ ହୋଇ ଯଥାଶୀଘ୍ର ଯାତ୍ରାର ପ୍ରସ୍ତୁତି କରି ମକ୍କା ଆଡ଼କୁ ଅଗ୍ରସର ହେଲା ଏବଂ ସେଠାକୁ ଯାଇ ନିଜର ଚାଟୁକାରିତା ଏବଂ କବିତା ବଳରେ କୁରୈଶମାନଙ୍କ ମନରେ ଯେଉଁ ଅଗ୍ନିଟି ଜ୍ୱଳନଶୀଳ ଥିଲା ତାହାକୁ ପ୍ରଜ୍ୱଳିତ କରିଦେଲେ ଏବଂ ସେମାନଙ୍କ ମନରେ ମୁସଲମାନମାନଙ୍କର ରକ୍ତ ପିପାସୁକୁ ଲିଭିବାକୁ ଦେଲା ନାହିଁ ଏବଂ ସେମାନଙ୍କ ଛାତି ପ୍ରତିଶୋଧ ପରାୟଣ ହୋଇ ଉଠିଲା ଓ ଶତ୍ରୁତାରେ ପରିପୂର୍ଣ୍ଣ କରିଦେଲା। କାଆବର ଏହି ଉତ୍ତେଜକ ଚାଟୁକାରିତା ତଥା କବିତା ଦ୍ୱାରା ଯେତେବେଳେ ସେମାନଙ୍କ ଆବେଗାତ୍ମକ ମନରେ ଏକ ବିଜୁଳି ସୃଷ୍ଟି ହୋଇଗଲା ସେତେବେଳେ ସେ ସେମାନଙ୍କୁ ଖାନା କାଆବାର ପ୍ରାଙ୍ଗଣକୁ ନେଇଯାଇ ଏବଂ ସେମାନଙ୍କୁ କାଆବାର ପରଦାକୁ ସେମାନଙ୍କ ହାତରେ ଧରାଇ ସେମାନଙ୍କ ଠାରୁ ଶପଥ କରାଇଲା ଯେ, ଯେପର୍ଯ୍ୟନ୍ତ ଇସଲାମ ଓ ଇସଲାମର ସଂସ୍ଥାପକଙ୍କୁ ଭୂପୃଷ୍ଠରୁ ନିଶ୍ଚିହ୍ନ ନକରିଦେଇଛି ସେ ପର୍ଯ୍ୟନ୍ତ ସେ ଶାନ୍ତିରେ ବସିବ ନାହିଁ ।

ଏହାପରେ ସେହି ହତଭାଗ୍ୟ ଅନ୍ୟ ସଂପ୍ରଦାୟ ମୁହାଁ ହେଲା ଏବଂ ଜାତି ପରେ ଜାତି ନିକଟକୁ ଯାଇ ମୁସଲମାନମାନଙ୍କ ବିରୁଦ୍ଧରେ ଉସକାଇଲା ଏବଂ ମଦିନାରୁ ଫେରି ସେ ମୁସଲମାନମାନ ନାରୀମାନଙ୍କ ସଂପର୍କରେ ପ୍ରେମମୂଳକ କବିତା କହିଲା। ଅର୍ଥାତ ନିଜର ଉତ୍ତେଜକପୂର୍ଣ୍ଣ କବିତା ମାଧ୍ୟମରେ ଅତ୍ୟନ୍ତ ଅଶ୍ଳୀଳମୂଳକ କବିତା, ଅତ୍ୟନ୍ତ ଅଶ୍ଳୀଳ ଢଙ୍ଗରେ ମୁସଲମାନ ମହିଳା ବା ନାରୀମାନଙ୍କର ଚର୍ଚ୍ଚା କଲା। ଏପର୍ଯ୍ୟନ୍ତକି ନବୀ କରୀମ ସ.ଅଙ୍କ ବଂଶର ମିହଳାମାନଙ୍କୁ ମଧ୍ୟ ତାହାର ଦୂରାଚାରୀମୂଳକ କବିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେଥିରୁ ସେ ଟିକେ ହେଲା ପଛଘୁଞ୍ଚା ଦେଇ ନଥିଲା ଏବଂ ଦେଶବ୍ୟାପୀ ସେ ଏଥି ନିମିତ୍ତ ଅପପ୍ରଚାରମୂଳକ ଚର୍ଚ୍ଚା ଓ ଚେଷ୍ଟା ଚଳାଇଥିଲା ଏବଂ ସେ ଆଁହଜ୍ରତ ସ.ଅଙ୍କର ହତ୍ୟା ପାଇଁ ମଧ୍ୟ ଷଡ଼ଯନ୍ତ୍ର କରିଥିଲା ଏବଂ ହୁଜୁର ସ.ଅଙ୍କୁ କୌଣସି ନିମନ୍ତ୍ରଣ ଆଳରେ ନିଜ ଆବାସକୁ ଡ଼କାଇ କେତେକ ଇହୁଦୀ ଯୁବକମାନଙ୍କ ସହାୟତାରେ ହୁଜୁର ସ.ଅଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର ମଧ୍ୟ କରିଥିଲା। କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ଯଥା ସମୟ ଉକ୍ତ କୁଯୋଜନା ସଂପର୍କରେ ଆଁହଜ୍ରତ ସ.ଅ ସୂଚନା ପାଇଥିଲେ ଏବଂ ତାହାର ଏହି ଷଡ଼ଯନ୍ତ୍ରଟି ସଫଳ ରୂପେ ରୂପାୟିତ ହୋଇପାରି ନଥିଲା।

ଯେତେବେଳେ କାଆବ ବିନ୍ ଅଶ୍ରଫ ଚୁକ୍ତି ଭଙ୍ଗ, ବିଦ୍ରୋହ, ଯୁଦ୍ଧ ପାଇଁ ଉସକାଇବା, ଉପଦ୍ରବ ସୃଷ୍ଟିକାରୀ, ଆଁହଜ଼ରତ ସ.ଅଙ୍କ ବଂଶୀୟ ମହିଳାମାନଙ୍କ ପ୍ରତି ଅଶ୍ଳୀଳ କବିତା ପ୍ରୟୋଗ ଓ ହତ୍ୟାର ଷଡ଼ଯନ୍ତ୍ର ପରି ସଙ୍ଗୀନ ଅଭିଯୋଗରେ ସେ ଦୋଷୀ ବୋଲି ପ୍ରମାଣିତ ବା ସାବ୍ୟସ୍ତ ହେଲା ସେତେବେଳେ ଆଁହଜ଼ରତ ସ.ଅ ଏହି ଫଳାଫଳରେ ଉପନୀତ ହୋଇ ଏହି ନିଷ୍ପତ୍ତି ଗ୍ରହଣ କଲେ ଯେ, କାଆବ ବିନ୍ ଅଶ୍ରଫ ନିଜର ଗ୍ରହଣ କରିଥିବା ସମସ୍ତ ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ଯୋଗୁଁ ନିହତ ଯୋଗ୍ୟ ଅଟେ । କାରଣ ସେତେବେଳେ କାଆବର ଉପଦ୍ରବ କାରଣରୁ ମଦିନାର ପରିବେଶ ଏପରି କଳୁଷିତ ହୋଇଯାଇଥିଲା ଯେ, ନିୟମାନୁଯାୟୀ ଯଦି ତାହା ବିରୁଦ୍ଧରେ ଘୋଷଣା କରି ଓ ତାକୁ ବଧ କରାଯାଇଥାଆନ୍ତା ତାହାହେଲେ ମଦିନାରେ ଏକ ଭୟାନକ ବା ଭୟାବହପୂର୍ଣ୍ଣ ଗୃହଯୁଦ୍ଧ ଆରମ୍ଭ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଥିଲା। ଯହିଁରେ କେତେ ଲୋକ ରକ୍ତାତ ହୋଇଥାଆନ୍ତେ ତାହା ଅଜଣା ଥିଲା ଏବଂ ଆଁହଜ଼ରତ ସ.ଅ ଯଥା ସମ୍ଭବ ଓ ଉଚିତ ତ୍ୟାଗ କରି ବିଭିନ୍ନ ସାଂପ୍ରଦାୟିକ ସ୍ତରୀୟ ରକ୍ତପାତକୁ ରୋକିବାକୁ ଚାହୁଁଥିଲେ । ହୁଜୁର ସ.ଅ ଏହି ନିର୍ଦ୍ଦେଶ ଦେଲେ ଯେ, କାଆବକୁ ସାମୂହିକ ରୂପେ ବଧ ନକରି ବରଂ କେତେକ ଲୋକ ନୀରବତାର ସହ ଏକ ଉପଯୁକ୍ତ ସମୟ ଦେଖି ତାହାକୁ ବଧ କରିଦିଅ ଏବଂ ଉକ୍ତ କାର୍ଯ୍ୟ ପାଇଁ ହୁଜୁର ସ.ଅ ଔସ୍ ସଂପ୍ରଦାୟର ଜଣେ ସଚ୍ଚୋଟ ସାହାବି ମୁହମ୍ମଦ ବିନ୍ ମୁସଲ୍ଲମାଙ୍କୁ ହସ୍ତାନ୍ତର କଲେ ଏବଂ ତାଙ୍କୁ ତାଗିଦ୍ କଲେ ଯେ, କୌଣସି ପନ୍ଥା ଅବଲମ୍ବନ କରି ଔସ୍ ସଂପ୍ରଦାୟର ଅଧିପତି ସାଆଦ ବିନ୍ ମୁଆଜ଼ଙ୍କ ସହିତ ପରାମର୍ଶ କରନ୍ତୁ । ମୁହମ୍ମଦି ବିନ୍ ମୁସଲ୍ଲମା କହିଲେ ଯେ, ହେ ରସୁଲୁଲ୍ଲାଃ ! ନୀରବ ରୂପେ ବଧ କରିବାକୁ ହେଲେ ତ' କୌଣସି କଥା କହିବାକୁ ହେଲେ ଅର୍ଥାତ କୌଣସି ଉପାୟ ମାଧ୍ୟମ ଅବଲମ୍ବନ କରିବାକୁ ହେବ ଯାହା ସାହାଯ୍ୟରେ କାଆବକୁ ତା' ଘରୁ ବାହାର କରି ନେଇ କୌଣସି ସୁରକ୍ଷିତ ସ୍ଥାନରେ ବଧ କରିବାକୁ ହେବ । ହୁଜୁର ସ.ଅ କହିଲ ଆଚ୍ଛା ତାହାହେଲେ ଏପରି କଥା ଅଛି । ତେଣୁ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ସାଆଦ ବିନ୍ ମୁଆଜ଼ଙ୍କ ପରାମର୍ଶ ଅନୁଯାୟୀ ଅବୁ ନାଏଲା ଏବଂ ଅନ୍ୟ ଦୁଇ ତିନି ଜଣ ସାହାବାଙ୍କୁ ସାଙ୍ଗରେ ନେଲେ ଏବଂ କାଆବର ଘରେ ପହଞ୍ଚିଲେ ଏବଂ କାଆବକୁ ତା' ଘର ଭିତରୁ ଡ଼ାକିଆଣି କହିଲେ ଆମର ପ୍ରିୟ ରସୁଲୁଲ୍ଲାଃ ସ.ଅ ଆମଠାରୁ ଦାନର ଆଶା କରୁଛନ୍ତି ଏବଂ ଆମେମାନେ ଅତ୍ୟନ୍ତ ଅଭାବ ଓ ଅନଟନ ପରିସ୍ଥିତିରେ ଗତି କରୁଛୁ । ତୁମେ ଆମମାନଙ୍କୁ କିଛି ଋଣ ଦେଇପାରିବ କି ? ଏହି କଥା ଶୁଣି କାଆବ ଆନନ୍ଦରେ ଉତଫୁଲ୍ଲିତ ହୋଇ କହିବାକୁ ଲାଗିଲା ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ସେହି ଦିନଟି ଦୂର ନଥିବ ଯେତେବେଳେ ତୁମେମାନେ ସେହି ବ୍ୟକ୍ତିଠାରୁ ହତୋତ୍ସାହିତ, ରୁଷ୍ଟ ଓ ଦୁଃଖିତ ହୋଇ ତାହାଙ୍କୁ ପରିତ୍ୟାଗ କରିଦେବ । ମୁହମ୍ମଦ ବିନ୍ ମୁସଲ୍ଲମା ଉତ୍ତର ଦେଲେ ଯେ, ଆଚ୍ଛା ଛାଡ଼ ଆମେମାନେ ତ' ତାଙ୍କୁ ଅନୁସାରଣ କରିସାରିଛୁ ଏବଂ ଆମେମାନେ ଯେଉଁ କାମ ପାଇଁ ଏଠିକି ଆସିଛୁ ତାହା ହେଉଛି ଯେ, ତୁମେ ଆମକୁ ଋଣ ଦେବ ନା ନାହିଁ ? କାଆବ ଉତ୍ତର ଦେଲା ଯେ, ହଁ ଦେବି ଯେ, କିନ୍ତୁ ଆଗ କୌଣସି ଜିନଷ ବନ୍ଧକ ରଖ । ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ପଚାରିଲେ କେଉଁ ଜିନିଷ ବନ୍ଧକ ରଖିବୁ ? କିନ୍ତୁ ସେହି ହତଭାଗ୍ୟ ଉତ୍ତର ଦେଲା ନିଜର ସ୍ତ୍ରୀମାନଙ୍କୁ ମୋ ନିକଟରେ ବନ୍ଧକ ରଖ । ମୁହମ୍ମଦ ବିନ ମୁସଲ୍ଲମା ର.ଅ ନିଜର କ୍ରୋଧକୁ ଚାପି ରଖି କହିଲେ ଏହା କିପରି ସମ୍ଭବ ଯେ, ଆମେମାନେ ନିଜର ସ୍ତ୍ରୀଙ୍କୁ ତୁମ ପରି ଜଣେ ମନ୍ଦ ବ୍ୟକ୍ତି ପାଖରେ ବନ୍ଧକ ରଖି ଦେବୁ । ସେ ଉତ୍ତର ଦେଲା ଯେ, ସ୍ତ୍ରୀ ନହେଲା ନାହିଁ ହେଲେ ନିଜର ପୁତ୍ର ତ' ବନ୍ଧକ ରଖିପାରିବ । ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ଉତ୍ତର ଦେଲେ ଏହା ମଧ୍ୟ ଅସମ୍ଭବ ଅଟେ । ଆମେମାନେ ଏପରି କାର୍ଯ୍ୟ କରି ସମଗ୍ର ଆରବର କଟାକ୍ଷ ନିଜ ମୁଣ୍ଡରେ ବହନ କରିପାରିବୁ ନାହିଁ ଅର୍ଥାତ (ଦାୟିତ୍ୱ) ଅବଶ୍ୟ ଯଦି ତୁମେ ଆମ ଉପରେ ଦୟା କର ତାହାହେଲେ ଆମେମାନେ ନିଜର ଅସ୍ତ୍ରଶସ୍ତ୍ର ସବୁ ତୁମ ନିକଟରେ ବନ୍ଧକ ରଖିଦେବୁ । କାଆବ ଏହି ସର୍ତ୍ତରେ ରାଜି ହୋଇଗଲା ଏବଂ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ଓ ତାଙ୍କର ସାଥୀମାନେ ରାତିରେ ଆସିବାର ପ୍ରତିଶୃତି ଦେଇ ସେଠାରୁ ଫେରି ଆସିଲେ ଏବଂ ଯେତେବେଳେ ରାତି ହେଲା ସେତେବେଳେ ସାହାବାମାନଙ୍କର ଏହି ଦଳ ଅସ୍ତ୍ରଶସ୍ତ୍ର ସାଙ୍ଗରେ ଧରି କାଆବର ଘରେ ପହଞ୍ଚିଲେ ଏବଂ ତାକୁ ଘରୁ ବାହାରକରୁ ନେଇ କଥା ଛଳରେ ଏକ ଦିଗକୁ ନେଇଯାଇ ତାକୁ ବଧ କରିଦେଲେ । ମୁହମ୍ମଦ ବିନ୍ ମୁସଲ୍ଲମା ଓ ତାଙ୍କର ସାଥୀମାନେ ସେଠାରୁ ଶୀଘ୍ର ଶୀଘ୍ର ପ୍ରସ୍ଥାନ କରି ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଆଁହଜ଼ରତ ସ.ଅଙ୍କୁ ଉକ୍ତ ବଧ ସଂପର୍କରେ ସୂଚନା ଦେଲେ ।

ଯେତେବେଳେ କାଆବର ନିହତ ହେବାର ପ୍ରଚାର ଚାରିଆଡ଼େ ଖେଳିଗଲା ସେତେବେଳେ ସହରରେ ଏହି ଗୁଜବଟି ପ୍ରସାରିତ ହେଲା ଏବଂ ଇହୁଦୀମାନେ ଅତ୍ୟନ୍ତ ଉତ୍ତେଜିତ ହୋଇଗଲେ ଏବଂ ପରବର୍ତ୍ତୀ ଦିନ ପ୍ରାତଃ ସମୟରେ ଇହୁଦୀମାନଙ୍କର ଏକ ପ୍ରତିନିଧିମଣ୍ଡଳ ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ଅଭିଯୋଗ ଆଣିଲା ଯେ, ଆମର ଅଧିପତି କାଆବ ବିନ୍ ଅଶ୍ରଫଙ୍କୁ ହତ୍ୟା କରାଯାଇଛି । ଆଁହଜ଼ରତ ସ.ଅ ସେମାନଙ୍କର କଥା ଶୁଣି କହିଲେ, କ'ଣ ତୁମକୁ ଜ୍ଞାତ ନାହିଁ ଯେ, କାଆବ କେଉଁ କେଉଁ ଦୋଷ କରିଛି ଏବଂ ପୁନଶ୍ଚ ହୁଜୁର ସ.ଅ ସଂକ୍ଷେପରେ ସେମାନଙ୍କୁ କାଆବର ସର୍ତ୍ତଭଙ୍ଗ, ଯୁଦ୍ଧ ପାଇଁ ପ୍ରବର୍ତ୍ତାଇବା, ଉପଦ୍ରବୀମୂଳକ ଉକ୍ତି, ଅଶ୍ଳୀଳ ଭାଷା ଓ ହତ୍ୟା ପରି ସଙ୍ଗୀନ କାର୍ଯ୍ୟାନୁଷ୍ଠାନ ସଂପର୍କରେ ସ୍ମରଣ କରାଇଲେ । ଯାହାଫଳରେ ସେମାନେ ଭୟଭୀତ ହୋଇ ନୀରବ ହୋଇଗଲେ । ଏହାପରେ ଆଁହଜ଼ରତ ସ.ଅ ସେମାନଙ୍କୁ କହିଲେ ଯେ, ତୁମମାନଙ୍କ ପାଇଁ ଏହା ଉଚିତ ହେବା ଯେ, ତୁମେମାନେ ଅନ୍ତତଃ ଭବିଷ୍ୟତ ପାଇଁ ଶାନ୍ତି ଓ ସହଯୋଗୀତାର ସହ ରୁହ ଏବଂ ଶତ୍ରୁତା ଏବଂ ଉପଦ୍ରବୀମୂଳକ ବୀଜ ବପନ କର ନାହିଁ । ସୁତରାଂ ଇହୁଦୀମାନଙ୍କର ସହମତିକ୍ରମେ ଭବିଷ୍ୟତ ପାଇଁ ଏକ ନୂତନ ଚୁକ୍ତି ସ୍ୱାକ୍ଷରିତ ହେଲା ଏବଂ ଇହୁଦୀମାନେ ମୁସଲମାନମାନଙ୍କ ସହିତ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ବାସ କରିବା, ଉପଦ୍ରବର ପଥ ଠାରୁ ଦୂରେଇ ରହିବାର ନୂତନ ରୂପେ ପ୍ରତିଶୃତି କଲେ । ତେଣୁ କାଆବ ଯଦି ଦୋଷୀ ହୋଇ ନଥାଆନ୍ତା ତେବେ ଇହୁଦୀମାନେ କେବେହେଲେ ଏତେ ସହଜରେ ନୂତନ ଚୁକ୍ତି କରି ନଥାଆନ୍ତେ ଏବଂ ତାହାର ହତ୍ୟା ହେବା ସଂପର୍କରେ ନୀରବ ରହି ନଥାଆନ୍ତେ । କାରଣ ସେମାନଙ୍କର ହୃଦୟ ଏହା ଅନୁଭବ କଲା ଯେ, କାଆବ ନିଜର କୁକର୍ମ ଯୋଗୁଁ ନିହତ ହେବା ଯୋଗ୍ୟ ଥିଲା ।

କାଆବ ବିନ୍ ଅଶ୍ରଫର ହତ୍ୟା ସଂପର୍କରେ କେତେକ ପାଶ୍ଚାତ୍ୟ ଐତିହାସିକମାନେ ଅନେକ କିଛି ଲେଖିଛନ୍ତି ଏବଂ ଆଁହଜ଼ରତ ସ.ଅଙ୍କ ବ୍ୟକ୍ତିତ୍ୱରେ ଏକ ଦାଗ ସଦୃଶ ପ୍ରକାଶ୍ୟ କରି ଉକ୍ତ ହତ୍ୟା ସଂପର୍କରେ ଆପତ୍ତି ବା ସମାଲୋଚନା କରିଛନ୍ତି। କିନ୍ତୁ ଦେଖିବାକୁ ଗଲେ ପ୍ରଥମତଃ କ'ଣ ଏହି ହତ୍ୟାଟି ପ୍ରକୃତରେ ଉଚିତ କାର୍ଯ୍ୟ ଥିଲା ଅଥବା ନୁହେଁ ? ଦ୍ୱିତୀୟତଃ ଏହା ଯେ, ଯେଉଁ ଉପାୟ ଏହି ହତ୍ୟା ପାଇଁ ଅବଲମ୍ବନ କରାଯାଇଥିଲା ତାହା ଉଚିତ ଥିଲା କି ନୁହେଁ ? ହୁଜୁର ଅନୱର ଅ.ବ କହିଲେ: କାଆବ ବିନ୍ ଅଶ୍ରଫ ଆଁହଜ଼ରତ ସ.ଅଙ୍କ ସହିତ ନିୟମିତ ରୂପେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଚୁକ୍ତି କରିସାରିଥିଲା ଏବଂ ମୁସଲମାନମାନଙ୍କ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ କରିବା ତ' ଦୂରର କଥା ସେ ଏହି କଥାର ଶପଥ ନେଇଥିଲା ଯେ, ସେ ପ୍ରତ୍ୟେକ ବାହ୍ୟିକ ଶତ୍ରୁ ବିରୁଦ୍ଧରେ ମୁସଲମାନମାନଙ୍କର ସାହାଯ୍ୟ କରିବ ଏବଂ ମୁସଲମାନମାନଙ୍କ ସହିତ ବନ୍ଧୁତାପୂର୍ଣ୍ଣ ସଂପର୍କ ରଖିବ । କିନ୍ତୁ କାଆବ ବିନ୍ ଅଶ୍ରଫ ସମସ୍ତ ସର୍ତ୍ତ ଓ ଚୁକ୍ତିକୁ ଉର୍ଦ୍ଧ୍ୱରେ ରଖି କେବଳ ଯେ, ମୁସଲମାନମାନଙ୍କ ସହିତ ବିଶ୍ୱାସଘାତ କରି ନଥିଲା ତାହା ନୁହେଁ ବରଂ କ୍ଷମତାରେ ଥିବା ସରକାର ସହିତ ମଧ୍ୟ ବିଶ୍ୱାସଘାତ କରିଥିଲା। କ'ଣ ଆଜିକାଲି ସଭ୍ୟ ବୋଲାଉଥିବା ରାଷ୍ଟ୍ରମାନଙ୍କରେ ବିଦ୍ରୋହ, ବିଶ୍ୱାସଘାତକତା, ଚୁକ୍ତି ଭଙ୍ଗ ଏବଂ ଉତ୍ତେଜିତ ପୂର୍ଣ୍ଣ ଉକ୍ତି ଓ ହତ୍ୟା ଭଳି ଷଡ଼ଯନ୍ତ୍ର କରୁଥିବା ଦୋଷୀକୁ ମୃତ୍ୟୁ ଦଣ୍ଡ ଦିଆଯାଉଛି କି ନାହିଁ ?

ବର୍ତ୍ତମାନ ଏହି ପ୍ରଶ୍ନଟି ଉତ୍ଥାପିତ ହୁଏ ଯେ, କାଆବକୁ ହତ୍ୟା କରିବାର ଯୋଜନା ଉଚିତ ଥିଲା କି ନୁହେଁ । ଏହାର ଉତ୍ତରରେ ହଜ଼ରତ ମିର୍ଜା ବଶୀର ଅହମଦ ସାହେବ କୁହନ୍ତି ଯେ, ଆରବରେ ବର୍ତ୍ତମାନ ଭଳି ନିୟମିତ ମୁସଲମାନ ସରକାର ନଥିଲା ବରଂ ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ସଂପ୍ରଦାୟ ସ୍ୱାଧୀନ ତଥା ସ୍ୱେଚ୍ଛାଚାରୀ ଥିଲେ । ଏପରି ପରିସ୍ଥିତିରେ ଏମିତି କେଉଁ ନ୍ୟାୟଳୟ ରହିଥିଲା ଯେଉଁଠି କାଆବ ବିରୁଦ୍ଧରେ ମକଦ୍ଦମା ଦାଏର କରାଯାଇ ସ୍ଥାୟୀ ମୃତ୍ୟୁ ଦଣ୍ଡର ଆଦେଶନାମା ପ୍ରାପ୍ତ କରାଯାଇଥାଆନ୍ତା ? ଏହି କଥାକୁ ମନେ ରଖିବା ଉଚିତ ଯେ, ସେହି ଚୁକ୍ତି ଆନୁଯାୟୀ ଯାହାକି ପ୍ରବାସ ପରେ ମୁସଲମାନମାନଙ୍କ ଓ ଇହୁଦୀମାନଙ୍କ ମଧ୍ୟରେ ହୋଇଥିଲା ଏବଂ ତାହା ଏହା ଯେ, ଆଁହଜ଼ରତ ସ.ଅଙ୍କୁ କେବଳ ଏକ ସାଧାରଣ ନାଗରିକର ଯୋଗ୍ୟତା ପ୍ରାପ୍ତ ହୋଇ ନଥିଲା ତାହା ନୁହେଁ ବରଂ ଆଁହଜ଼ରତ ସ.ଅ ସେହି ଲୋକତନ୍ତ୍ରର ରାଷ୍ଟ୍ରପତି ରୂପେ ବିବେଚିତ ହୋଇଥିଲେ । ଯେଉଁ ଲୋକତନ୍ତ୍ରଟି ମଦିନାରେ ସ୍ଥାପିତ ହୋଇଥିଲା ଏବଂ ହୁଜୁର ସ.ଅଙ୍କୁ ଏହି ସ୍ୱେଚ୍ଛାକୃତ, ଐଚ୍ଛୁକ ବା କ୍ଷମତା ସ୍ୱାଧୀନତା ପ୍ରାପ୍ତ ଥିଲା ଯେ, ସମସ୍ତ ସଂଘର୍ଷ ଓ ରାଜନୈତିକ ବିଷୟରେ ହୁଜୁର ସ.ଅ ଯେଉଁ ଉଚିତ ନିଷ୍ପତ୍ତି ଗ୍ରହଣ କରିବେ ସେଥିରେ ମୁକ୍ତ ବା ସ୍ୱାଧୀନ ଥିଲେ । ସୁତରାଂ ହୁଜୁର ସ.ଅ ଦେଶରେ ଶାନ୍ତିର ହିତ ସପକ୍ଷରେ କାଆବର ଉପଦ୍ରବ କାରଣରୁ ତାହାକୁ ମୃତ୍ୟୁ ଦଣ୍ଡ ଯୋଗ୍ୟ ବୋଲି ରାୟ ଦେଇଥିଲେ ।

ଅନ୍ୟ ଆପତ୍ତିଟି ହେଉଛି ଯେ, ଏକ ଅବସରରେ ଆଁହଜ଼ରତ ସ.ଅ କୁଆଡ଼େ ନିଜର ସାହାବାମାନଙ୍କୁ ମିଥ୍ୟା, ପ୍ରବଞ୍ଚନା କରିବାକୁ ସାହାବାମାନଙ୍କୁ ଅନୁମତି ଦେଇଥିଲେ । ଏଣୁ ଏହା ସଂପୂର୍ଣ୍ଣ ରୂପେ ଭିତ୍ତିହୀନ ଓ ଭ୍ରମାତ୍ମକ ଅଟେ ଏବଂ ସଠିକ ବର୍ଣ୍ଣନା ଏହାକୁ ଖଣ୍ଡନ କରୁଛି । ବୁଖାରୀର ବର୍ଣ୍ଣନାନୁଯାୟୀ ଯେତେବେଳେ ମୁହମ୍ମଦ ବିନ୍ ମୁସଲ୍ଲାମା ର.ଅ ଆଁହଜ଼ରତ ସ.ଅଙ୍କୁ ପଚାରିଲେ ଯେ, କାଆବକୁ ଗୁପ୍ତରୂପେ ବଧ କରିବାକୁ ହେଲେ ତାକୁ କିଛିନା କିଛି କଥା କହିବାକୁ ପଡିବ । ତେଣୁ ହୁଜ଼ୁର ସ.ଅ ସେହି ସର୍ବୋଚ୍ଚ ହିତକୁ ଦୃଷ୍ଟିରେ ରଖି ଯେଉଁ ଗୁପ୍ତ ତଥା ନୀରବତାପୂର୍ଣ୍ଣ ଶାସ୍ତିର ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରସ୍ତାବକ ଥିଲେ । ଉତ୍ତରରେ ମାତ୍ର ଏତିକି କହିଲେ ଯେ, ହଁ ଏବଂ ଏହାଠୁ ବି ଅଧିକ । ଏକ ଅବସରରେ ଆଁହଜ଼ରତ ସ.ଅଙ୍କ ତରଫରୁ କିମ୍ବା ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ତରଫରୁ କଦାପି କୌଣସି ସ୍ୱଷ୍ଟୀକରଣର ହୋଇ ନାହିଁ । ସୁତରାଂ ଯେତେବେଳେ ଯୁଦ୍ଧ ସମୟରେ ଗୁପ୍ତଚର ଆଦି ଯେଉଁମାନେ ନିଜ ନିଜର ଦାୟିତ୍ୱ ନିର୍ବାହ କରୁଥିଲେ ସେତେବେଳେ ସେମାନଙ୍କୁ ମଧ ଏହି ପ୍ରକାରର କଥା କହିବାକୁ ପଡ଼ିଥାଏ। ଯାହା ଉପରେ କୌଣସି ବୁଦ୍ଧିମାନ ବ୍ୟକ୍ତି ଆପତ୍ତି କରି ନଥାଏ। ସୁତରାଂ ସେ ଯାହାହେଉ ନା କାହିଁକି ଆଁହଜ଼ରତ ସ.ଅ ଦାମନ୍ ଅର୍ଥାତ ବ୍ୟକ୍ତିତ୍ୱ ପବିତ୍ର ଅଟେ ।

କେତେକ ଲୋକମାନେ ଏହି ପ୍ରଶ୍ନଟି ଉତ୍ଥାପନ କରନ୍ତି ଯେ, ଯୁଦ୍ଧରେ ମିଛ କହିବା ଏବଂ ବିଶ୍ୱାସଘାତ କରିବା ଉଚିତ କି ? କେତେକ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ଆଁହଜ଼ରତ ସ.ଅ କହୁଥିଲେ ଯେ, اَلْحَرْبُ خُدْعَةٌ ଅର୍ଥାତ ଯୁଦ୍ଧ ତ' କେବଳ ଏକ ଧୋକା ଅଟେ ଏବଂ ଏଥିରୁ ଏହା ଫଳାଫଳଟି ନିର୍ଣ୍ଣିତ ହୁଏ ଯେ, ନାଉଜୁ ବିଲ୍ଲାଃ ଯୁଦ୍ଧରେ ଆଁହଜ଼ରତ ସ.ଅଙ୍କ ପଟୁ ବିଶ୍ୱାସଘାତକତା କରିବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ପ୍ରାଥମିକ ରୂପେ ଯଦିଓ اَلْحَرْبُ خُدْعَةٌର ଏହା ଅର୍ଥ ନୁହେଁ ଯେ, ଯୁଦ୍ଧରେ ବିଶ୍ୱାସଘାତକତା କରିବା ବୈଧ ଅଟେ । ବରଂ ଏହାର ଅର୍ଥ କେବଳ ଏତିକ ଯେ, ଯୁଦ୍ଧ ସ୍ୱୟଂ ଏକ ବିଶ୍ୱାସଘାତକତା ଅଟେ ଏବଂ ଅନ୍ୟ ଏକ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, سَمَّى الْحَرْبَ خُدْعَةً ଅର୍ଥାତ ଆଁହଜ଼ରତ ସ.ଅ ଯୁଦ୍ଧର ଆନ୍ୟ ନାମ ବିଶ୍ୱାସଘାତକତା ବୋଲି ସ୍ଥିର କରିଥିଲେ ଏବଂ ଏହି ଦୁଇଟି ବର୍ଣ୍ଣନାକୁ ମିଶ୍ରଣ କଲେ ଏହି ଫଳାଫଳଟି ବାହାରିଥାଏ ଯେ, ହୁଜ଼ୁର ସ.ଅଙ୍କର ପ୍ରକୃତ ଉଦ୍ଦେଶ୍ୟ କଦାପି ଏହା ନଥିଲା ଯେ, ଯୁଦ୍ଧରେ ବିଶ୍ୱାସଘାତକତା କରିବା ବୈଧ ଅଟେ । ବରଂ ହୁଜ଼ୁର ସ.ଅଙ୍କର ଏହା ଉଦ୍ଦେଶ୍ୟ ଥିଲା ଯେ, ଯୁଦ୍ଧ ସ୍ୱୟଂ ଏକ ବିଶ୍ୱାସଘାତକମୂଳକ ବସ୍ତୁ ଅଟେ ।

ବର୍ତ୍ତମାନ ରଣନୀତିର ମଧ ସ୍ୱରୂପ ବିଭିନ୍ନ ହୋଇପାରିବ । ଉଦାହରଣ ସ୍ୱରୂପ ସଠିକ୍ ବର୍ଣ୍ଣନାରୁ ଏହା ପ୍ରମାଣିତ ଯେ, ଆଁହଜ଼ରତ ସ.ଅ ଯେତେବେଳେ କୌଣସି ଯୁଦ୍ଧରେ ବାହାରୁଥିଲେ ସେତେବେଳେ ସାମାନ୍ୟତଃ ନିଜର ଲକ୍ଷ୍ୟସ୍ଥଳକୁ ପ୍ରକାଶ୍ୟ କରୁ ନଥିଲେ ଏବଂ ବେଳେବେଳେ ହୁଜ଼ୁର ସ.ଅ ଏପରି ମଧ କରୁଥିଲେ ଯେ, ହୁଜ଼ୁର ସ.ଅ ଦକ୍ଷିଣ ଆଡ଼କୁ ତ' ଯିବାକୁ ଚାହୁଁଥିଲେ କିନ୍ତୁ ପ୍ରଥମେ ପ୍ରଥମେ ଉତ୍ତର ଦିଗକୁ ମୁହଁ କରି ବାହାରି ଯାଉଥିଲେ ଏବଂ ପୁନଃ ଦକ୍ଷିଣ ଆଡ଼କୁ ବୁଲି ଯାଉଥିଲେ କିମ୍ବା ଯଦି କେତେବେଳେ କୌଣସି ବ୍ୟକ୍ତି ପଚାରୁଥିଲା ଯେ, କେଉଁଠୁ ଆସିଛନ୍ତି । ତେବେ ସେ ପରିପ୍ରେକ୍ଷୀରେ ହୁଜ଼ୁର ସ.ଅ ମଦିନାର ନାମ ନେବା ପରିବର୍ତ୍ତେ ନିକଟବର୍ତ୍ତୀ କିମ୍ବା ଦୂରବର୍ତ୍ତୀ ଶିବିରର ନାମ ନେଉଥିଲେ ଅର୍ଥାତ କହୁଥିଲେ କିମ୍ବା ସେହି ପ୍ରକାରର ଅନ୍ୟ କୌଣସି ବୈଧ ଯୁଦ୍ଧୀୟ କୌଶଳ ଅବଲମ୍ବନ କରୁଥିଲେ କିମ୍ବା ଯେପରି କୁରଆନ ଶରୀଫରେ ଇଙ୍ଗିତ କରାଯାଇଛି ଯେ, ସାହାବାମାନେ ବେଳେବେଳେ ଏପରି କରୁଥିଲେ ଯେ, ଶତ୍ରୁମାନଙ୍କୁ ବେଖାତିର ବା ଅସାବଧାନ କରିବା ପାଇଁ ରଣଭୂମିରୁ ପଛଘୁଞ୍ଚା ଦେବାକୁ ଆରମ୍ଭ କରିଦେଉଥିଲେ ଏବଂ ଯେତେବେଳେ ଶତ୍ରୁ ଅସାବଧାନ ହୋଇଯାଉଥିଲା ଏବଂ ତାହାର ଧାଡ଼ିରେ ଅବ୍ୟବସ୍ଥା ଦେଖା ଦେଉଥିଲା ସେତେବେଳେ ଆକସ୍ମିକ ରୂପେ ଆକ୍ରମଣ କରିଦେଉଥିଲେ ଏବଂ ଏହି ସମସ୍ତ ସ୍ୱରୂପଗୁଡ଼ିକ ସେହି ରଣନୀତି ସମ୍ବନ୍ଧୀୟ ଅଟେ ଯାହାକୁ ଯୁଦ୍ଧକାଳୀନ ପରିସ୍ଥିତିରେ ବୈଧ ବୋଲି ବିବେଚିତ କରାଯାଇଛି । କିନ୍ତୁ ଏହା ବ୍ୟତୀତ ଯଦି ମିଥ୍ୟା ବା ମିଛ ଏବଂ ବିଶ୍ୱାସଘାତକତାର ସାହାଯ୍ୟ ନିଆଯାଏ ତେବେ ଏହି ପ୍ରକାରର ରଣନୀତି ପ୍ରୟୋଗ କରିବା ସଂପର୍କରେ ଇସଲାମ ଦୃଢତାର ସହ ବାରଣ କରିଛି ।

**KHULASA KHUTBA JUMA HUZOOR ANWAR a.b.a**

**7th Feb 2020**

..................